ଅନ୍ୟପକ୍ଷରେ, ଓସିଏ ପକ୍ଷରୁ ଡିପିଆର ପ୍ରସ୍ତୁତ ପାଇଁ ଏକ ବିଦେଶୀ କମ୍ପାନୀକୁ ପ୍ରସ୍ତାବ ଦିଆଯାଇଥିବା ଜଣାପଡିଛି। ପ୍ରସ୍ତାବ ଆସିବା ପରେ ଓସିଏ ତରଫରୁ ଏହାକୁ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ।

## ବଦଳିଲେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ

ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କୁ ଅର୍ଥ ବିଭାଗକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଏନ୍.ବି.ଏସ୍ ରାଜପୁତଙ୍କୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ଶାଶ୍ୱତ ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଥିବାବେଳେ ସେ ପୂର୍ବଭଳି ଶକ୍ତି ବିଭାଗର ପ୍ରମୁଖ ସଚିବ ଓ ଓ.ଏସ.ଏସ.ଏସ.ସି.ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

## ଜଳସେଚନ ପ୍ରକଳ୍ପ

**ନୂଆପଡା** ଜିଲ୍ଲାରେ ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ଦୁଇଟି କେନାଲ ମାଧ୍ୟମରେ ୨୯ ହଜାର ୯୦୦ ହେକ୍ଟର ଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଲଗାଣ ବର୍ଷାଯୋଗୁଁ ବର୍ତ୍ତମାନ ତୀଖାଲି ଲୋୟର ଜଳସେଚନ ପ୍ରକଳ୍ପରେ ଜଳସ୍ତର ୨୬୩ ଦଶମିକ ୦/୭ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୯୧ ଦଶମିକ ୧୦୧ କ୍ୟୁବିକ୍ ଜଳ ପ୍ରବେଶ କରୁଥିବାବେଳେ କେନାଲ ଦ୍ୱାରା ୧୫ ହଜାର କ୍ୟୁବିକ୍ ଜଳ ନିଷ୍କାସିତ ହେଉଛି।

## ରେଳ ଚଳାଚଳ ପାଇଁ ଦାବୀ

**ନୟାଗଡ଼** ନାଗରିକ ମଞ୍ଚ ପକ୍ଷରୁ’ ନୟାଗଡ଼ରୁ ହାଓ୍ୱଡ଼ା ଏବଂ ବିଶାଖାପାଟଣାକୁ ଟ୍ରେନ ଚଳାଚଳ ପାଇଁ ଦାବି କରାଯାଇଛି। ଏଥିରେ ଦଶପଲ୍ଲାରୁ ଭୁବନେଶ୍ୱର, ପୁରୀ ଏବଂ ଭଦ୍ରକ ମଧ୍ୟରେ ୩ଟି ଟ୍ରେନ୍ ଚଳାଚଳ କରୁଥିବାବେଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନ ସମେତ ରାଜ୍ୟ ବାହାରକୁ ଜିଲ୍ଲାରୁ କୌଣସି ଟ୍ରେନ୍ ଚଳାଚଳ କରୁ ନଥିବା ରେଳ ବିଭାଗ ନିକଟରେ ଅଭିଯୋଗ ହୋଇଛି।

ଜିଲ୍ଲାରୁ ଅଧିକାଂଶ ଲୋକ ବ୍ୟବସାୟ ଏବଂ ଅନ୍ୟାନ୍ୟ କାର୍ଯ୍ୟପାଇଁ କୋଲକତା, ବାଙ୍ଗାଲୋର, ବିଶାଖାପାଟଣା ଏବଂ ମୁମ୍ବାଇ ଆଦି ସ୍ଥାନକୁ ପ୍ରାୟତଃ ଯାତାୟତ କରୁଥିବାରୁ ସେହିସବୁ ସ୍ଥାନଗୁଡ଼ିକ ସହିତ ସିଧାସଳଖ ରେଳସଂଯୋଗ ପାଇଁ ମଂଚ ପକ୍ଷରୁ ଦାବି କରାଯାଇଛି।

## ସଚେତନତା ଶିବିର

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ତାଲୁକ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ନାରାୟଣ ହାଇସ୍କୁଲଠାରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରୀତିଶ କୁମାର ସାମଲ ଯୋଗଦେଇ ଶିଶୁମାନଙ୍କ ପ୍ରତି ଆଇନ୍‌ରେ ଥିବା ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

## ହୀରାକୁଦ ଗେଟ୍ ଖୋଲିଲା

ହୀରାକୁଦ ଜଳଭଣ୍ଡାରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ପୂଜାର୍ଚ୍ଚନା ପରେ ମହାନଦୀକୁ ଆଜି ସକାଳ ୯ଟାରେ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଛି।

